ପ୍ରିୟ ବନ୍ଧୁ,

ଭିନ୍ନ ଏକ ଶୈଳୀରେ ନୂତନତ୍ୱ ଭିତରେ ପୁରାତନର ଆବାହନ, ଏକ ସଂସ୍କୃତି ସଂସ୍କାରର ଭିତ୍ତି ପ୍ରସ୍ତର ସଂସ୍ଥାପନର ଅଦମ୍ୟ ଚେଷ୍ଟା। ସ୍ୱପ୍ନର ଅସୁମାରୀ କୁଆର ପରେ ଇଟା ପଡିଯାଇଥିବା ହୃଦୟଟାକୁ ପୁଣି ସତ୍‌କର୍ମ ପ୍ରବଣତାରେ କୁଆରିଆ କରାଇନେବାର ଅଭିପ୍ରାୟ...

ସତ୍ୟ, ଶାନ୍ତି, ଅହିଂସା, ଆଧ୍ୟାତ୍ମିକତା, ତ୍ୟାଗ, ବୀରତା, କଳା ଓ ସାହିତ୍ୟ ପାଇଁ ଯେଉଁ ଉତ୍କଳ ବିଶ୍ୱବିଦିତ, ସେହି ଉତ୍କଳୀୟ ସଭ୍ୟତା ଆଜି ଜୀର୍ଣ୍ଣଶୀର୍ଣ୍ଣ। ପ୍ରତ୍ୟେକ ମନୁଷ୍ୟ ଯେତେବେଳେ ସାମୂହିକ ସ୍ୱାର୍ଥକୁ ଭୂଲି ସ୍ୱ-ସ୍ୱାର୍ଥର ସାର୍ଥକତାରେ ଲିପ୍ତ, ସେତେବେଳେ ସମାଜରେ ଅରାଜକତା, ଦାରିଦ୍ର୍ୟତା, ସଂସ୍କୃତି ସଂସ୍କାରର ବିଲୁପ୍ତତା ଦେଖାଯିବା ସ୍ୱାଭାବିକ।

ବନ୍ଧୁ ଆପଣ କ'ଣ ସମସ୍ତେ ନୀରବଦ୍ରଷ୍ଟା ? ଆମ ଭିତରେ କ'ଣ କିଛି କରିପାରିବାର, ସଂସ୍କୃତିରେ/ସମାଜରେ ସଂସ୍କାର ଆଣିପାରିବାର ସାମର୍ଥ୍ୟ ନାହିଁ? ଯଦି ନାହିଁ ତେବେ ଧ୍ୱଂସର ତାଣ୍ଡବଲୀଳା ଭିତରେ ଅଶନିଶ୍ୱାସୀ ହୋଇ ଜଳିଚାଲିବା। ଯଦି ହଁ, କିଛି କରିବାର ଟିକିଏ ବି ଆଶା ଅଛି, ତେବେ ଆଜିର ଏ ଆହ୍ୱାନ 'ଓଡ଼ିଶା ବନ୍ଧୁ'ର କାନ୍ଧରେ କାନ୍ଧ, ହାତରେ ହାତ ମିଳାଅ....

ନବସୂର୍ଯ୍ୟ ଆଣିଦିଅ
ଅନ୍ଧାରୁଆ ଏ ଦେଶ ଆକାଶେ,
ଏ ମାଟିରେ ଫୁଟୁ ଫୁଲ
ଫୁଲ ବାସ୍ନା ମହକରେ
ହସିଉଠୁ ଯୁବକର ପ୍ରାଣ
ପକ୍ଷୀସବୁ ଉଡୁଥା'ନ୍ତୁ ଆକାଶରେ
ସ୍ୱାଧୀନ ଓ ମୁକ୍ତ
ସତ୍ୟ ଓ ସୌନ୍ଦର୍ଯ୍ୟ
ପ୍ରେମ ଓ ବିପ୍ଳବ।

ଭବିଷ୍ୟତ ସମ୍ଭାବନା ମାନଙ୍କୁ ଆବିଷ୍କାର ତଥା ସ୍ୱୀକାର କରିବାର ଦୀର୍ଘ ଚେୟାଳିଶ ବର୍ଷୀୟ ନିରବଚ୍ଛିନ୍ନ ପ୍ରୟାସ 'ଶ୍ରୀ ଶ୍ରୀ ବଜ୍ରମହାକାଳୀ ସଂସ୍କୃତିକ ପରିଷଦ' ଆୟୋଜିତ ମକର ଉତ୍ସବର ଏକ ବୈଶିଷ୍ଟମୟ ଦିଗ। ସେଇ ପରମ୍ପରାକୁ ବଜାୟ ରଖି ଏକ ଅଧିକ ଅର୍ଥପୂର୍ଣ୍ଣ ତଥା ଯୁଗପଯୋଗୀ ଶୈଳୀରେ ଏ ବର୍ଷର ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର ପରିକଳ୍ପନା :

ପାଇକା ପଠାରେ ଚେନାଏ ସ୍ୱପ୍ନ ଓ ଆଞ୍ଜୁଳାଏ ସମ୍ଭାବନା...

ଅଙ୍କୁରାୟନ-୨୦୦୭

..ଏକ ଓଡ଼ିଶା ବନ୍ଧୁ ଉପକ୍ରମ।

ଆପଣଙ୍କ ଅଭିଜ୍ଞ ଓ ସୁଚିନ୍ତିତ ସହଯୋଗ 'ଓଡ଼ିଶା ବନ୍ଧୁ' ପରିକଳ୍ପିତ ଏହି ନମ୍ର ଉଦ୍ୟମର ସାଫଲ୍ୟତା ପାଇଁ ଏକାନ୍ତ ଗୁରୁତ୍ୱପୂର୍ଣ୍ଣ।

॥ ଇତି ॥
ଆପଣଙ୍କ ବିଶ୍ୱସ୍ତ,

(ଓଡ଼ିଶା ବନ୍ଧୁ)

ଓଡ଼ିଶା ବନ୍ଧୁ

Scanned with OKEN Scanner